# ସ୍ୱାଧୀନତା ସଂଗ୍ରାମର ଉଦାତ୍ତ ଚାରଣ : ଜାତୀୟ କବି ବାଞ୍ଛାନିଧିଙ୍କ ମହାନ୍ତି

ଶ୍ରୀ ବ୍ରଜନାଥ ରଥ

୧୯୪୭ ମସିହା, ଭାରତର ପ୍ରଥମ ସ୍ୱାଧୀନତା ଦିବସ । ଚାରିଆଡ଼େ ଆନନ୍ଦର ରୋଳ । ଆମେ ପିଲାମାନେ, ଆମ ମନରେ ବି ମହାଆନନ୍ଦ । ସେଦିନ ସକାଳୁ ଆମ ସ୍କୁଲରୁ ଗୋଟିଏ ଶୋଭାଯାତ୍ରା ବାହାରିଲା । ଆମ ସହିତ ଆମ ଶିକ୍ଷକମାନେ ମଧ୍ୟ ଚାଲିଥାନ୍ତି । ଆନନ୍ଦ କହିଲେ ନସରେ । ହାତରେ କାଗଜ ତିଆରି ଗୋଟିଏ ଗୋଟିଏ ଜାତୀୟ ପତାକା । ସ୍ୱାଧୀନ ଭାରତ କି ଜୟ, ମହାତ୍ମା ଗାନ୍ଧିକି ଜୟ ସ୍ଲୋଗାନ ସହ ଆମେ ଆଉ ଗୋଟିଏ ଗୀତ ମଧ୍ୟ ଗାଇ ଗାଇ ପଟୁଆରରେ ଆଗଉଥିଲୁ । ପ୍ରାୟ ପ୍ରତ୍ୟେକ ସ୍କୁଲର ଛାତ୍ରଙ୍କୁ ଯେଉଁ ଗୋଟିଏ ଗୀତ ସେଦିନ ଗାଇ ଗାଇ ଯିବା ପାଇଁ ପୂର୍ବରୁ ଶିଖାଯାଇଥିଲା, ତାହା ଥିଲା ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ରଚିତ ସଂଗୀତ-

(ଗାଅ) ସ୍ୱାଧୀନ ଭାତର, ସ୍ୱାଧୀନ ଭାରତ,<br>
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ<br>
ଗାଏ ସାଗର, ଭୂଧର, ଅମ୍ବର ଚୁମ୍ବିତ<br>
ଭାଲ ହିମାଚଳ ଗିରିବର କଂପିତ<br>
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ ।

କିନ୍ତୁ କିଏ ଏହି ଗୀତର ଲେଖକ, ତାଙ୍କୁ ଜାଣିବାର ଅବକାଶ ଆମର ନଥିଲା । ଆମର ଏକମାତ୍ର କାମ ଥିଲା ଏହି ଗୀତକୁ ଗାଇ ଗାଇ ପଟୁଆରରେ ଆନନ୍ଦରେ ଆଗେଇବା ଓ ଶେଷରେ ମିଠାଇ ବଣ୍ଟାକୁ ଅପେକ୍ଷା କରିବା । ଏହାର କିଛି ବର୍ଷ ପରେ ମୁଁ କବି ବାଞ୍ଛାନିଧିଙ୍କ ସୃଷ୍ଟି ଓ ଜୀବନୀ ସଂପର୍କରେ ଯେତେବେଳେ ଜାଣିଲି, ସେତେବେଳେ ଆଶ୍ଚର୍ଯ୍ୟ ହୋଇଗଲି, କିପରି ଜଣେ କବି ଭାରତ ସ୍ୱାଧୀନ ହେବାର ବହୁବର୍ଷ ଆଗରୁ ଏମିତି ଗୀତ ଲେଖି ଯାଇଛନ୍ତି । ସେ କଣ ଜାଣିଥିଲେ ଦିନେ ଆମ ଦେଶରୁ ବିଦେଶୀ ହଟିବେ ଓ ଆମେ ସ୍ୱାଧୀନ ହେବା ? ଜଣେ ଦେଶପ୍ରେମୀ ସତ୍ କବି କେବଳ ସ୍ୱପ୍ନଦ୍ରଷ୍ଟା ନୁହେଁ, ଭବିଷ୍ୟତ ଦ୍ରଷ୍ଟା ମଧ୍ୟ । ସେ ଆଗକୁ ଦେଖିପାରେ । ଆଗାମୀ ସମୟ ଓ ସମାଜକୁ ତାର ଦିବ୍ୟ ଚକ୍ଷୁରେ କଳନା କରିପାରେ । ଆସନ୍ତା ଶତାବ୍ଦୀର ରୂପ କଳ୍ପନାକରି ତାର ଚିତ୍ର ଆଙ୍କିପାରେ ତାର ନିପୁଣ ଲେଖନୀରେ, ନିଖୁଣ ସୃଷ୍ଟି ଭିତରେ । ସେମିତି ଜଣେ କବି ଥିଲେ ବାଞ୍ଛାନିଧି ମହାନ୍ତି, ଯିଏ କି ସ୍ୱାଧୀନତା ସଂଗ୍ରାମର ଉଦାତ୍ତ ଚାରଣ ସାଜିଥିଲେ ବି ଭାରତ ସ୍ୱାଧୀନତା ହାସଲ କଲାବେଳକୁ, ସେ ତାର ସ୍ୱାଦ ଚାଖିବାକୁ ଆଉ ନଥିଲେ ।

ଉନବିଂଶ ଶତାବ୍ଦୀର ଶେଷଭାଗ ତଥା ଶତାବ୍ଦୀର ଆରମ୍ଭରୁ ଆମ ଓଡ଼ିଆ ସାହିତ୍ୟରେ ମୁଖ୍ୟତଃ ଦୁଇଟି ଧାରା ପ୍ରବାହିତ ହୋଇଆସୁଛି । ଗୋଟିଏ ହେଉଛି ଜନବାଦୀ ଧାରା, ଅନ୍ୟଟି ହେଉଛି ପ୍ରୟୋଗବାଦୀ ଧାରା । ଜନବାଦୀ ଧାରାର କବି ଲେଖକମାନେ ଜନସାଧାରଣଙ୍କ ସୁଖ-ଦୁଃଖ, ଶୋଷଣ-କଷଣ, ସଘର୍ଷ-ସଂଗ୍ରାମ ଓ ଜୀବନର ନାନା ସମସ୍ୟାକୁ ନେଇ ସାହିତ୍ୟରେ ରୂପାୟିତ କରୁଥିବା ବେଳେ ପ୍ରୟୋଗବାଦୀଧାରାର ସମର୍ଥକମାନେ ସେମାନଙ୍କ ସୃଷ୍ଟିରେ ମୁଖ୍ୟତଃ ପରୀକ୍ଷା ନିରୀକ୍ଷାକୁ ନେଇ ବ୍ୟସ୍ତ । ଜନବାଦୀ ଧାରାର ଲେଖକମାନଙ୍କ ଆଗରେ ସମୟ, ସମାଜ ଓ ମଣିଷର ଜୀବନ ସଂଗ୍ରାମ ହିଁ ମୁଖ୍ୟ । ସେଠି କଳାର ସ୍ଥାନ ଦ୍ୱିତୀୟରେ । କିନ୍ତୁ ପ୍ରୟୋଗବାଦୀମାନେ ସାହିତ୍ୟରେ କଳାକୁ ମୁଖ୍ୟସ୍ଥାନ ଦେଇ ଶୈଳୀର ଜିମ୍ନାଷ୍ଟିକ୍ ଖେଳ ଦେଖାଇଥାନ୍ତି ସେମାନଙ୍କ ସୃଷ୍ଟିରେ । ସେଠି ମଣିଷର ସମସ୍ୟା ଓ ସଂଗ୍ରାମର ଚିତ ଅତ୍ୟନ୍ତ ଗୌଣ । ସେମାନେ ନିରାପଦ ଦୂରତ୍ୱରେ ରହି ସମାଜକୁ ଦେଖନ୍ତି, ଚହଲା ପାଣିକୁ ଗୋଡ଼ ବଢାନ୍ତି ନାହିଁ, ରୁଗ୍ଣ ସ୍ଥିତାବସ୍ଥା ବିରୋଧରେ ମୁହଁ ଫିଟାଇବାର ସାହସ ସେମାନଙ୍କର ନଥାଏ, ଯଦି ବି କେବେ କିଛି ଲେଖନ୍ତି ତାର ସ୍ୱର ଅତ୍ୟନ୍ତ ଦୁର୍ବଳ ଓ କ୍ଷୀଣ । କଳାର ଇନ୍ଦ୍ରଜାଲ ଭିତରେ ପାଠକମାନଙ୍କ ଆଗରେ ଗୋଟିଏ କିଛି ହଟଚମଟ ସୃଷ୍ଟି କରିବା ହିଁ ପ୍ରୟୋଗବାଦୀମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ । କବି ବାଞ୍ଛାନିଧି ଥିଲେ ଜନବାଦୀ ଅମୃତମୟୀଧାରାର ଅନ୍ୟତମ ଭଗୀରଥ । ସେ କଳା ପାଇଁ କଳା ସୃଷ୍ଟି କରିନଥିଲେ । ସମୟ ଓ ସମାଜର ଆହ୍ୱାନ ଏବଂ ଜାତିର ମର୍ମବେଦନା ହିଁ ତାଙ୍କୁ କବି କରିଥିଲା । ଏହି ଆହ୍ୱାନର ଆଗ୍ନେୟ ପ୍ରେରଣାରୁ ହିଁ ସ୍ୱତଃ ସୃଷ୍ଟି ହୋଇଥିଲା ତାଙ୍କର ଶତ ଶତ ସଂଗୀତ, ଯେଉଁଥିରେ ଛଳନା ବା ଆତ୍ମ ପ୍ରବଂଚନା ନଥିଲା । ଗୋଟିଏ ଗୀତରେ ସେ ସ୍ପଷ୍ଟ ଭାବରେ ନିଜ ମନୋଭାବର ସୂଚନା ଦେଇଛନ୍ତି-

କି ଗୀତ ମୁଁ ଗାଇବି ହେ ଭାଇ / ଗାଇବାକୁ ମନ ନାହିଁ<br>
ଭାଜି ଗଲଣି ମୋ ହୃଦୟର ବୀଣା / ତାର ଛିଡ଼ି ଛିଡ଼ି ଯାଇ ।<br>
ମନଫୁଲାଣିଆ ଗାଏ ସିନା ଗୀତ / ଯାର ମନ ହସୁଥାଏ

ଯାର ଚିର ଦୁଃଖ ଶୋଷିଛି ସାରକୁ / ତାର ସେ ସରାଗ କାହିଁ ? (ଉତ୍କଳବୀଣା - ୨ୟ ଝଂକାର-୧୧)
ସେ ମନଫୁଲାଣିଆ ଗୀତ ଗାଇ ନାହାନ୍ତି । ଏହା ନିଚ୍ଛକ ସତ । ଜନନୀ ଜନ୍ମଭୂମିର ନୟନରୁ ଅବିରାମ ଧାରାରେ ଝରୁଥିବା ଲୁହକୁ ଦେଖୁଥିବା କେଉଁ କବି ସରାଗରେ ମନଫୁଲାଣିଆ ଗୀତ ଗାଇପାରିବ ? ଆଉ ଗୋଟିଏ ଗୀତରେ ସେ ଲେଖିଥିଲେ-

ମୋର ଭଂଗା କୁଡ଼ିଆରେ, ଭଂଗା ପରାଣରେ
ଭଂଗା କବିତାକୁ ଯୋଡୁଥିଲି
ମୋର ଭଂଗା ଜୀବନକୁ କବିତା-ଡ଼ଂଗାରେ
ଭସାଇ ଦେବାକୁ ଲୋଡୁଥିଲି ।

ଯିଏ ଭଂଗା କୁଡ଼ିଆରେ ରହି, ଭଂଗା ପରାଣରେ , ଭଂଗା କବିତାକୁ ଯୋଡ଼ିପାରେ ଏବଂ ଭଂଗା ଜୀବନକୁ କବିତା - ଡ଼ଂଗାରେ ଭସାଇ ଦେଇ ତାକୁ ସଜାଇବା ପାଇଁ ଚନ୍ଦ୍ରା ଭଉଁରୀରୁ ଓଟାରି ମଂଗକୁ ମୋଡ଼ିପାରେ, ସେଇ ହିଁ କେବଳ ଗାଇପାରେ ଜୀବନର ଜୟଗାନ, ମଣିଷର ଜୟଗାନ, ସଂଗ୍ରାମର ଜୟଗାନ, ଆଉ ମୁକ୍ତିର ଜୟଗାନ । ଏହିଭଳି ଜନଚେତନାର ଓ ଗଣ ସଂଗ୍ରାମର ମହାନ୍ ଚାରଣ ହିଁ ଥିଲେ ବାଞ୍ଛାନିଧି । ସିଏ ତଟସ୍ଥ କବି ନଥିଲେ,ଯିଏ କି କେହିଜଣେ ଅସହାୟ ଭାବରେ ନଦୀରେ ବୁଡ଼ିଯାଉଥିବା ବେଳେ ନଦୀତଟରେ ନୀରବରେ ଠିଆହୋଇ ନଦୀକୂଳର ମନୋରମ ପ୍ରାକୃତିକ ଦୃଶ୍ୟ ଭିତରେ ହିଁ ମଜ୍ଜିଯାଏ, ବୁଡ଼ିଯାଉଥିବା ଲୋକପ୍ରତି ତାର ନଜର ନଥାଏ । ଯଦି ବି ଥାଏ ତାହେଲେ ଲୋକଟିକୁ ଉଦ୍ଧାର କରିବା ପାଇଁ ନଦୀ ଗର୍ଭକୁ ଝାସ ଦେବାର ଇଚ୍ଛା ବା ସାହସ ତାର ନଥାଏ । ଏଭଳି ଆତ୍ମମଗ୍ନ ତଟସ୍ଥ କବି -ଲେଖକ ଆମ ସମାଜରେ ଅନେକ ମିଳିବେ; କିନ୍ତୁ ବୁଡ଼ିଯାଉଥିବା ଦେଶକୁ ଓ ଜାତିକୁ ଉଦ୍ଧାର କରିବା ପାଇଁ ନିଜକୁ ନିଃସ୍ୱାର୍ଥପର ଭାବରେ ଜନ ଆନ୍ଦୋଳନ ବା ଗଣ ସଂଗ୍ରାମର ଖରସ୍ରୋତା, ବିପଦ ସଂକୁଳା ନଦୀଗର୍ଭକୁ ନିର୍ଭୟରେ ଝାସ ଦେବାର ମାନସିକତା ଖୁବ୍ କମ୍ କବିଙ୍କ କ୍ଷେତ୍ରରେ ଦେଖିବାକୁ ମିଳିବ । ଓଡ଼ିଶାର ଦେଶ ମିଶ୍ରଣ ଆନ୍ଦୋଳନ ହେଉ, କି ଭାରତର ମୁକ୍ତି ସଂଗ୍ରାମ ହେଉ, ସବୁଠି ନିଜର ଉଜ୍ଜ୍ୱଳ ସ୍ୱାକ୍ଷର ଲିପିବଦ୍ଧ କରିଯାଇଛନ୍ତି କବି ବାଞ୍ଛାନିଧି, ସେହି ଆନ୍ଦୋଳନରେ ପ୍ରତ୍ୟକ୍ଷ ଭାବରେ ଭାଗନେଇ ଏବଂ ଆନ୍ଦୋଳନର ସଂଗ୍ରାମୀ ସୈନିକ ସାଜି ।

ଏହି ମୁଣ୍ଡକଟା, ଗୋଡ଼କଟା ଜନ୍ମଭୂମି ଓଡ଼ିଶା ପାଇଁ ସେ କେବଳ ସଂଗୀତ ରଚନା କରି ନିଜର କର୍ତ୍ତବ୍ୟ ଶେଷ କରିନାହାନ୍ତି, ନିଜେ ବିଚ୍ଛିନ୍ନାଂଚଳର ମିଶ୍ରଣ ପାଇଁ ଗୋପବନ୍ଧୁ, ଗୋଦାବରୀଶ ପ୍ରମୁଖଙ୍କ ସହି ମିଶି ସେହି ସବୁ ଅଂଚଳରେ ଉତ୍କଳୀୟ ଜାତୀୟତା ତଥା ଭାଷା-ସାହିତ୍ୟର ସୁରକ୍ଷା ଦିଗରେ କାମ ମଧ୍ୟ କରିଥିଲେ । ସେଥିପାଇଁ ବହୁ ପ୍ରତିକୂଳ ପରିସ୍ଥିତିରେ ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିଥିଲା । ମନୁଷ୍ୟ ନିଜେତ ହୋଇ / ମନୁଷ୍ୟେ ନ ଡ଼ର ଭାଇ / ଜଗତେ ନଡ଼ର ଆନେ / ଏକା ଜଗଜ୍ଜୟ ହେଁ - ଏହା କେବଳ ତାଙ୍କ କଥାର କଥା ନଥିଲା, ଏହା ହିଁ ଥିଲା ତାଙ୍କ ଆଦର୍ଶ ଓ ଜୀବନଚର୍ଯ୍ୟା । ମୋ ଦେଶ ସୁନା-ପସରା / ହେବକି ଚୁନା-ଖପରା - ଏହି ଚିନ୍ତା ହିଁ ତାଙ୍କୁ ଭାରତର ମୁକ୍ତି ସଂଗ୍ରାମରେ ଝାସ ଦେବା ପାଇଁ ପ୍ରରୋଚିତ କରିଥିଲା ।

ଆଜକୁ ପ୍ରାୟ ସତୁରି ବର୍ଷ ତଳେ ପରାଧୀନ ଭାରତବର୍ଷରେ ସେ ଯାହା ଲେଖିଯାଇଥିଲେ ଆଜି ଦେଶର ସ୍ୱାଧୀନତା ପ୍ରାପ୍ତିର ପଚାଶ ବର୍ଷ ପରେ ଏହାର ସତ୍ୟତାରେ ଟିକିଏ ହେଲେ ବି ଆଂଚ ଆସିନାହିଁ । କେତେକ ସମାଲୋଚକ ଚାରଣ କବିମାନଙ୍କ ତାତ୍କାଳିକ ବୋଲି ଆଖ୍ୟା ଦେଇ ସେମାନଙ୍କ ସୃଷ୍ଟିକୁ ନ୍ୟୁନ ଦୃଷ୍ଟିରେ ଦେଖିଥାନ୍ତି । କାରଣ ସେମାନଙ୍କ ମତରେ ସେଥିରେ କଳୋତ୍ତୀର୍ଣ୍ଣ ଧ୍ରୁପଦୀ ସାହିତ୍ୟର ଗୁଣ କିଛି ନଥାଏ । ଏହା ଆଂଶିକ ସତ୍ୟ ହୋଇପାରେ, କିନ୍ତୁ ଏହି ଚାରଣ କବିମାନଙ୍କ ସୃଷ୍ଟି ଭିତରେ ଏଭଳି କିଛି ସୃଷ୍ଟିଥାଏ, ଏଭଳି କିଛି ଗୁଣ ଥାଏ ଯାହା କଳୋତ୍ତୀର୍ଣ୍ଣ ହେବାର ଶକ୍ତି ସଂଚୟ କରିଥାଏ । ସେମାନେ ସେମାନଙ୍କ ସମୟ ଓ ସମାଜକୁ ଯେଉଁଭଳି ଚିତ୍ରଣ କରିଥାନ୍ତି, ତାର ଐତିହାସିକ ଓ କଳାଗତ ମୂଲ୍ୟ ନିରୂପିତ ହୁଏ ପରବର୍ତ୍ତୀ କାଳରେ । ଏପରିକି ସେ ସମୟର ଚିତ୍ର ପରବର୍ତ୍ତୀ କାଳର ଚିତ୍ର ସହ ଅନେକାଂଶରେ ଖାପଖାଇ ତାକୁ ଦିଏ ଏକ ନୂଆ ଔଜଲ୍ୟ । ବାଞ୍ଛାନିଧିଙ୍କ ଅଧିକାଂଶ ସଂଗୀତରେ ତାତ୍କାଳିକ ଚିତ୍ର ଅଂକିତ ହୋଇଥିଲେ ମଧ୍ୟ ଆଜି ତାର ସତ୍ୟତା ନୂଆ ରୂପରେ ଆମ ଆଗରେ ଅଂକିତ ହୋଇ ତାଙ୍କ ସୃଷ୍ଟିର କାଳୋତ୍ତୀର୍ଣ୍ଣତା ତଥା ମହନୀୟତାକୁ ପ୍ରମାଣ କରୁଛି ।

କେହି କାହାର ସାହୁ ବା କେହି କାହାର ଖାତକ କିମ୍ବା କେହି ବଡ଼ ବା କେହି ସାନ ନୁହଁନ୍ତି ବୋଲି ସ୍ପଷ୍ଟ ଘୋଷଣା କରିଛନ୍ତି । ଭାଗ୍ୟ ଯେ ଏକ ଏକ ଶବ୍ଦ-କୁହୁକ ଏବଂ ସକଳ ଅବନତିର କଳାନାଗ୍ ଏହା ପ୍ରତିପାଦନ କରିଛନ୍ତି । ଶାସନ ଯନ୍ତ୍ର ଯେ ଧନୀଙ୍କର ଧନ ସମ୍ପାଦିବା ପାଇଁ ଏକ ସର୍ଜନା ଏବଂ ସମସ୍ତ ଅନୀତିର ମୂଳ ଉତ୍ସ ଏବଂ ଏହାକୁ ଭାଂଗିବା ଲାଗି ସେ ଆହ୍ୱାନ ଦେଇଛନ୍ତି । ହୁଏତ ବାଞ୍ଛାନିଧି ଅଧିକ କାଳ ଜୀବିତ ଥିଲେ ତାଙ୍କର ସଂବେଦନଶୀଳ ବିପ୍ଳବୀ କବି ହୃଦୟ କ୍ରମଶଃ ସାମ୍ୟବାଦୀ ଆଦର୍ଶ ଓ ରାଜନୀତିକ ଚିନ୍ତା ଧାରା ଆଡ଼କୁ ଅଧିକ ଢଳିଥାନ୍ତା, ଏହା ଅନୁମାନ କରାଯାଇପାରେ ।

ଖାଲି ହାଁଜୀ ହାଁଜୀ କହିଲେ ତୋର ଦୁଃଖ କି ଯିବ

ଭଜି ଭଜି ମଲେ ସୁଖ କାହୁଁ ମିଳବ ?
ବାରି ବାରି କଲେ ହୁରି, ବାରିବି ପଡ଼ିବ ଝରି
(ଜନମନ) ହରିହରି ଡ଼ାକିଲେ ସତେ ହରି ଆସିବ ।

ତେଣୁ କବି ବାଞ୍ଛାନିଧିଙ୍କର ଏ ଶୋଷିତ, ନିପୀଡ଼ିତ ଜାତି ପ୍ରତି ଆହ୍ୱାନ ଥିଲା-

ନିଜ ଗୋଡ଼େ ନହେଲେ ଠିଆ, କିଏ ସେ କରିବ ଠିଆ ।
ହିତ ଶୁଣି ଅହିତ କଲେ କିଏ ଭୋଗିବ(ତେଲାଗି) ?

ଏହି ବଜ୍ର ଆହ୍ୱାନ ଆଜି ବି ତାର ଉପଯୋଗିତା ହରାଇ ନାହିଁ ।

କବି ବାଞ୍ଛାନିଧି ସ୍ୱାଧୀନତା ସଂଗ୍ରାମରେ ଝାସଦେଇ, ଦୁଃଖ -ନିର୍ଯ୍ୟାତନା ସହି ଶହ ଶହ ଚାରଣ ସଂଗତ ରଚନା କରି ଏ ଜାତିକି ତତେଇଥିଲେ, ମତେଇଥିଲେ ; କିନ୍ତୁ ତାଙ୍କୁ ମନେ ପକାଉଛନ୍ତି କେତେଜଣ ? ଆଜି ଯେତେବେଳେ ଦେଶ ସ୍ୱାଧୀନତା ପାଇବାର ବାବନ ବର୍ଷ ବିତିଗଲାଣି, ସେତେବେଳେ ଯେଉଁ କବି ସ୍ୱାଧୀନତାର ଜୟଗାନ କରିଥିଲେ ଉଦାତ୍ତ କଣ୍ଠରେ ତାଙ୍କୁ ଆମ ଭିତରୁ ଅନେକେ ଭୁଲିଗଲେଣି ।

ସୁନହଟ, ବାଲେଶ୍ୱର